# Official Spokesperson's response to a query about remarks by Chinese MFA Spokesperson on 29 September 2021 regarding the border situation

September 30, 2021

## ସୀମା ପରିସ୍ଥିତିକୁ ନେଇ 29 ସେପ୍ଟେମ୍ବର 2021 ରେ ଚୀନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ରଙ୍କ ମନ୍ତବ୍ୟ ଉପରେ ପ୍ରଶ୍ନକୁ ନେଇ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ସେପ୍ଟେମ୍ବର 30, 2021**

**ସୀମା ପରିସ୍ଥିତି ସମ୍ପର୍କରେ 29 ସେପ୍ଟେମ୍ବର 2021 ରେ ଚୀନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ରଙ୍କ ମନ୍ତବ୍ୟ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

ଆମେ ଆମର ସ୍ଥିତିକୁ କିଛି ଦିନ ପୂର୍ବରୁ ସ୍ପଷ୍ଟ କରିସାରିଛୁ ଯେ ଆମେ ଏପରି ବିବୃତ୍ତିକୁ ପ୍ରତ୍ୟାଖ୍ୟାନ କରୁଛୁ ଯାହାର ତଥ୍ୟର କୌଣସି ଆଧାର ନାହିଁ। ଚୀନ ପକ୍ଷରୁ ବହୁ ସଂଖ୍ୟକ ସୈନ୍ୟ ଜମା କରିବା, ସେମାନଙ୍କର ଉତ୍ତେଜନାମୂଳକ ଆଚରଣ ଏବଂ ସମସ୍ତ ଦ୍ୱିପାକ୍ଷିକ ଚୁକ୍ତିନାମାକୁ ଉଲ୍ଲଂଘନ କରି ଯଥାସ୍ଥିତିକୁ ପରିବର୍ତ୍ତନ କରିବାକୁ ଏକପାଖିଆ ପ୍ରୟାସ ଦ୍ୱାରା ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଏବଂ ସ୍ଥିରତାରେ ଗୁରୁତର ବ୍ୟାଘାତ ସୃଷ୍ଟି କରିଥିଲା। ଚୀନ ସୀମାଞ୍ଚଳରେ ବହୁ ସଂଖ୍ୟକ ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଛି। ଚୀନର କାର୍ଯ୍ୟକଳାପର ଉତ୍ତରରେ ଆମର ସଶସ୍ତ୍ର ବାହିନୀକୁ ଏହି କ୍ଷେତ୍ରରେ ଉପଯୁକ୍ତ ଭାବେ ନିୟୋଜନ କରିବାକୁ ପଡିଛି ଯାହାଦ୍ୱାରା ଭାରତର ସୁରକ୍ଷା ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ କରାଯାଇପାରିବ। ଚଳିତ ମାସ ଆରମ୍ଭରେ ଚୀନ ବୈଦେଶିକ ମନ୍ତ୍ରୀଙ୍କ ସହିତ ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରା ଜୋର ଦିଆଯାଇଥିବା ଅନୁଯାୟୀ ଏହା ଆମର ଆଶା ଯେ ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ପ୍ରୋଟୋକଲକୁ ସମ୍ପୂର୍ଣ୍ଣ ରୂପେ ପାଳନ କରି ଚୀନ ପକ୍ଷ ପୂର୍ବ ଲଦାଖର ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ ଦିଗରେ କାର୍ଯ୍ୟ କରିବ।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 30, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.